# ବିକାଶ ସାତ ସପନ — ମୌଳିକ ସୁବିଧାରୁ ବଞ୍ଚିତ ଚାଞ୍ଚରାବାସୀ





**ପୋଲସରା, ୪।୨(ସମିସ):** ପ୍ରକୃତିର କୋଳରେ ରହିଛି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ଗାଁ ଚାଞ୍ଚରା, ବିକାଶ ଯେଉଁଠି ସାତ ସପନ। ନାଁ ଅଛି ଗମନାଗମନ ପାଇଁ ଭଲ ରାସ୍ତା ନାଁ ଅଛି ଶିକ୍ଷା କି ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା। ବିପଦ ବେଳେ ଖଟିଆ ସାଜେ ଏମାନଙ୍କ ପାଇଁ ଆମ୍ବୁଲାନ୍ସ। ଏହି ଦୃଶ୍ୟ ହେଉଛି ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଗୋଛାବାଡି ପଞ୍ଚାୟତ ଚାଞ୍ଚରା ଗ୍ରାମର। ପୋଲସରା ସହରଠୁ ମାତ୍ର ୨୫ କିଲୋମିଟର ଦୂରରେ ଅବସ୍ଥିତ ଥିଲେ ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ଥିବା ଭଳି ଜୀବନ ଅତିବାହିତ କରି ଆସୁଛନ୍ତି ନିରୀହ ଆଦିବାସୀ। ଟିକିଏ ଦେହ ଖରାପ ହେଇଗଲେ ଖଟିଆରେ ବୋହିନେବା ଛଡା ଅନ୍ୟ କୌଣସି ଉପାୟ ନାହିଁ। ଅନେକ ସମୟରେ ଖଟିଆରେ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ନିଆଯିବାର ବିକଳ ଚିତ୍ର ମଧ୍ୟ ଦେଖିବାକୁ ମିଳିଛି। ସେଥିପାଇଁ ପାଇଁ ତ ସ୍ଥାନୀୟ ଆଦିବାସୀ ନିଜର ଇଷ୍ଟ ଦେବୀଙ୍କୁ ରୋଗ କବଳରୁ ମୁକୁଳିବା ପାଇଁ ପୂଜାର୍ଚ୍ଚନା କରିଥାନ୍ତି। କେବଳ ସ୍ୱାସ୍ଥ୍ୟ ନୁହେଁ ସରକାରଙ୍କ ମାଳମାଳ ଯୋଜନା ମଧ୍ୟ ଛୁଇଁ ପାରିନି ଏମାନଙ୍କ ପାଖରେ। ସ୍ୱାସ୍ଥ୍ୟ ଠାରୁ ଅଧିକ ଯନ୍ତ୍ରଣା ପାଲଟିଛି ଶିକ୍ଷା ବ୍ୟବସ୍ଥା। ନା ଅଛି ଏଠି କୌଣସି ଅଙ୍ଗନବାଡି କେନ୍ଦ୍ର ନା କୌଣସି ସ୍କୁଲ।

କୋମଳମତି ଶିଶୁ ମଧ୍ୟ କଅଁଳ ପାଦରେ ଦୁଇ କିଲୋମିଟର ଚାଲିଚାଲି ପହଞ୍ଚି ଥାଏ ଅଙ୍ଗନବାଡି କିମ୍ବା ସ୍କୁଲରେ। ଯାହାଫଳରେ ଅନେକ ଛୁଆ ବାଧ ହୋଇ ଅଧାରୁ ଛାଡୁଛନ୍ତି ପାଠପଢା। ଅନ୍ୟପଟେ ବୟସ୍କ ମଧ୍ୟ ରାସନ କିମ୍ବା ଭତ୍ତା ପଇସା ପାଇବା ପାଇଁ ୭ କିମି ଚାଲି ଚାଲି ଯାଉଛନ୍ତି। କିଛିଦିନ ତଳେ ଆସିକା ସାଂସଦ ଅନିତା ସୁଭଦର୍ଶିନୀ ପଟ୍ଟନାୟକ ଚାଞ୍ଚରାବାସୀଙ୍କ ସମସ୍ୟା ଶୁଣିବା ପାଇଁ ଚାଲି ଚାଲି ଯାଇ ଆଦିବାସୀଙ୍କ ନିକଟରେ ପହଞ୍ଚିଥିଲେ। ନିଜ ଅଞ୍ଚଳରେ ନିଜ ନେତ୍ରୀଙ୍କୁ ଦେଖି ଚାଞ୍ଚରାବାସୀଙ୍କୁ ଟିକିଏ ଆଶ୍ୱାସନା ଦେଇଥିଲା କାହିଁକିନା ପୂର୍ବରୁ ସେମାନେ କେବେ କୌଣସି ନେତା କି ମନ୍ତ୍ରୀଙ୍କୁ ଦେଖିନଥିଲେ। ଜନବସତି ଠୁ ଅନେକ ଦୂରରେ ଅବହେଳିତ ହୋଇ ବସବାସ କରୁଥିବା ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ପାଖରେ କେବେ ପହଁଚିବ ବିକାଶ ଏବଂ କେବେ ଦୂର ହେବ ସେମାନଙ୍କ ସମସ୍ୟା ତାହା ଏବେବି ଅସ୍ପଷ୍ଟ।

## ଯୁବକଙ୍କୁ ହତ୍ୟା ଅଭିଯୋଗ

**ଭଞ୍ଜନଗର,୪।୨(ସମିସ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସହର ଉପକଣ୍ଠର ବିଦେଶୀ ମଦ ଦୋକାନ ନିକଟରେ ଫାଷ୍ଟ ଫୁଡ୍ ବ୍ୟବସାୟ କରୁଥିବା ହରି କୃଷ୍ଣ ସ୍ୱାଇଁ (୩୫)ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ହତ୍ୟାର କାରଣ ଏବେବି ଅସ୍ପଷ୍ଟ ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବକୁ ବୁଧବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଏହି ଥାନା ଅନ୍ତର୍ଗତ ବଡକୋଦଣ୍ଡା ଗ୍ରାମର ବ୍ରଜ ସୁନ୍ଦର ସ୍ୱାଇଁଙ୍କ ସାନ ପୁଅ ହରି କୃଷ୍ଣ ବହୁ ଦିନ ହେଲା ଭଞ୍ଜନଗର - ବାଉଁଶଲୁଣ୍ଡି ରାସ୍ତାରେ ଥିବା ବିଦେଶୀ ମଦ ଦୋକାନ ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ମଙ୍ଗଳବାର ସନ୍ଧ୍ୟା ୮ ଟାରେ ଦୋକାନ ନିକଟରେ କୌଣସି କାରଣକୁ ନେଇ ବଚସା ହୋଇଥିବା ବେଳେ କେହି ହରି କୃଷ୍ଣଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ ମୃତକଙ୍କ ଶରୀରରେ ସେଭଳି କୌଣସି ଆଘାତ ଲାଗିଥିବା ଜଣାପଡୁନାହିଁ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବାସ୍ତବ ସତ ସାମ୍ନାକୁ ଆସିବ। ମୃତ ହରି କୃଷ୍ଣ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଦୁଃଖଦ ମୃତ୍ୟୁ ପରେ ଏବେ ତାଙ୍କ ପରିବାର ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଭୂତସରସିଙ୍ଗି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପୁରୁଷୋତ୍ତମପୁର,୪।୨(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୂତସରସିଙ୍ଗି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲର ସଭାପତି ତଥା ସରପଞ୍ଚ ମନୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କିଛି ଅନୁଭୂତି ବଖାଣିବାସହ ପାଠ ପଢି ଭଲ ମଣିଷ ହେବା ପାଇଁ, ଅନ୍ତର୍ନିହିତ ଗୁଣ ବିକାଶ କରି ଆଗକୁ ବଢିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଏବିଇଓ ବିଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଏବିଇଓ ଦେବରାଜ ବେହେରା, ନରସିଂହ ଦାସ ହାଇସ୍କୁଲର ଶିକ୍ଷକ ଯୁଧିଷ୍ଠିର ସାହୁ, ବଡଖରିଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳ ମୁରଲୀ କ୍ରିଷ୍ଣା, ବନମାଳି ପ୍ରଧାନ, ସୁଶାନ୍ତ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଜିତ ଦଳେଇ, ଶଙ୍କର ଗୌଡ଼, ଅମ୍ବିକା ପ୍ରସାଦ ପାତ୍ର, ପ୍ରଭାତ ପାତ୍ର, ଶିବରାମ ପାତ୍ର, ବିନାୟକ ମହାରଣା, ସମସ୍ତ ୱାର୍ଡ ସଭ୍ୟ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ଦଳାଇ ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## କେନାଲ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ପୋଲସରା,୪।୨(ସମିସ):** ପୋଲସରା ବ୍ଲକ ମଥୁରା ସ୍ଥିତ ଧନେଇ କେନାଲ ରାସ୍ତାର ଉନ୍ନତି ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି।

ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳ ସମ୍ପଦ ବିଭାଗର ଅଟକଳ ରାଶି ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ୬ କିଲୋମିଟର ରାସ୍ତାର ଉନ୍ନତି କରଣ ହେବାକୁ ଥିବା ଧନେଇ କେନାଲ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ଦ୍ୱାରା ଶତାଧିକ ଚାଷୀ ଉପକୃତ ହୋଇପାରିବେ ବୋଲି ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଧନେଇ ଜଳସେଚ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ସଂଜୀବ ପଣ୍ଡା, ଯୁବ ସମାଜସେବୀ ପ୍ରଭାକର ପଣ୍ଡା, ମଥୁରା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଜେନା, ଗୀତାଞ୍ଜଳି ସାହୁ, ପୋଲସରା ନଗର ସଭାପତି ରାମକୃଷ୍ଣ ପ୍ରଧାନ, ପ୍ରହରୀ ପ୍ରସନ୍ନ କୁମାର ଡାକୁଆ, ଦୀପକ ପୋଲାଇ, ରଘୁନାଥ ପଣ୍ଡା ସମେତ ବିଜେପିର ବହୁ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

**ଖଲ୍ଲିକୋଟ,୪।୨(ସମିସ):** ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ କେଶପୁର ସ୍ନାତକ ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ଶିବିର ଆଜି ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ୍ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ ଯୋଗଦେଇ ସୁସ୍ଥ ତଥା ହିଂସାମୁକ୍ତ ସମାଜ ଗଠନରେ ଆନ ସୁରକ୍ଷା କୌଶଳ ର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଧ୍ୟକ୍ଷ ଅଶୋକ କୁମାର ପଲେଇ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ସଂଯୋଜିକା ଅଧ୍ୟାପିକା ସବିତା ପାଢ଼ୀ ପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ପ୍ରଥମ ବର୍ଷ ବିଜ୍ଞାନ ଓ କଳା ବିଭାଗର ୨୧୮ ଜଣ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷିତ ହୋଇଥିଲେ। ମୁଖ୍ୟ ବକ୍ତା ବିଷ୍ଣୁ ପ୍ରସାଦ ଦାସ ଉଦ୍‌ବୋଧନ ଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କଲ୍ୟାଣୀ ପଣ୍ଡା ଓ ପୂଜା ଦାଶ ପ୍ରଶିକ୍ଷିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅଧ୍ୟାପକ ଦକ୍ଷିଣେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଜି.ଉଦୟଗିରି ଶୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ବର୍ଣ୍ଣାଳୀ ହୋତାଙ୍କ ଗୀତରେ ଝୁମିଲେ ଦର୍ଶକ



**ଜି.ଉଦୟଗିରି,୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ମଙ୍ଗବାର ଦିନ ଉଦଘାଟିତ ହୋଇଛି ଶୀତ ମହୋତ୍ସବ ତୁଷାର।

ଆଜି ଦ୍ୱିତୀୟ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ତୁଷାର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଥିବା ବେଳେ ଏହାର ବିକାଶ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ସ୍ମରଣିକାରେ ଘୁମୁସର ଉଦୟଗିରି ମାଟିର ବୀର ଗାଥା, କିପରି ଜୀବନକୁ ବଳିଦାନ ଦେଇଛନ୍ତି ତାହା ବର୍ଣ୍ଣନା କରାଯିବ ସହିତ ଐତିହ୍ୟ, ସଂସ୍କୃତି, ପରମ୍ପରା ସମ୍ପର୍କରେ ରହିଛି ତଥ୍ୟ ଭିତିକ ବାର୍ତ୍ତା। ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲାପାଳ ବେଦ ଭୂଷଣ, ମୁଖ୍ୟବକ୍ତା ଭାବେ ଏସପି ହରିଶ ବିଶି, ଉପଜିଲ୍ଲାପାଳ ପ୍ରାଣତି ଦାସ, ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ତହସିଲଦାର ରଞ୍ଜନ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବିଡ଼ିଓ ସତ୍ୟନାରାୟଣ ମିଶ୍ର, ଜିଲ୍ଲାପରିଷ ସଭ୍ୟ ଲିଲିମା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଏନ.ଲୁକ ଓ ଅବସରପ୍ରାପ୍ତ ଆଇଏସ ପ୍ରତାପ ପ୍ରଧାନ ମଞ୍ଚ।।ସୀନ ଥିଲେ। ଖ୍ୟାତିନାମା ଗାୟିକା ବର୍ଣ୍ଣାଳୀ ହୋତା ଏବଂ ଟିମଙ୍କ ରଙ୍ଗରଙ୍ଗ କାର୍ଯ୍ୟକ୍ରମ ରେ ଝୁମିଥିଲେ ଦର୍ଶକ। ଅନ୍ୟପଟେ ଶତାଧିକ ଷ୍ଟଲରେ ଫାଷ୍ଟଫୁଡ଼, ମଥୁରା କେକ, ଛୋଟ ପିଲା ଏବଂ ବଡ ଲୋକଙ୍କ ପାଇଁ ଉଦିଷ୍ଟ ଦୋଳି ର ମଜା ଉଠାଇଛନ୍ତି ଜନତା। ପ୍ରଥମ ଦିନ ତୁଳନାରେ ଦ୍ୱିତୀୟ ଦିନରେ ଅଧିକ ଭିଡ ଜମିଛି।

## ଗାଡ଼ି ଧକ୍କାରେ କୃଷ୍ଣସାର ମୃତ

**ଆସିକା,୪।୨(ସମିସ):** ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା ବନାଞ୍ଚଳର ଭେଟନଇ ନିକଟ କମ୍ବାର ଶଙ୍ଖ ନିକଟରେ ଗାଡି ଧକ୍କାରେ କୃଷ୍ଣ ସାର ମୃଗର ମୃତ୍ୟୁ ହୋଇଛି। ବୁଧବାର ସକାଳୁ ବାଲିପଦର ପଟୁ ବ୍ରହ୍ମପୁର ଆସୁଥିବା ଏକ କାର କୃଷ୍ଣ ସାରକୁ ଧକ୍କା ଦେବା ଫଳରେ ମୃଗଟି ମୃତ୍ୟୁବରଣ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରୁ ମୃତ୍ୟୁ ଅଣ୍ଡିରା ମୃଗକୁ ବନ ବିଭାଗ ଉଦ୍ଧାର କରି ଆସିକା ପ୍ରାଣୀ ଚିକିତ୍ସାଳୟରେ ଶବ ବ୍ୟବଛେଦ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡା ପ୍ରକାଶ କରିଛନ୍ତି।

## ଅସହାୟ ଯୁବକଙ୍କୁ ମନ୍ତ୍ରୀଙ୍କ ସହାୟତା



**ପୋଲସରା,୪।୨(ସମିସ):** ପୋଲସରା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୯ ନମ୍ବର ୱାର୍ଡ କୁମ୍ଭାର ସାହିର କାଳିଆ ବେହେରାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଦୀର୍ଘଦିନ ହେବ ଅସହାୟ କାଳିଆ ଯକୃତ ଜନିତ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କାଳିଆ ନିକଟରେ ପହଞ୍ଚି ଅଧିକ ଚିକିତ୍ସା ପାଇଁ ୩୦ ହଜାର ପ୍ରଦାନ କରିବା ସହିତ ତହସିଲଦାର ଦିପ୍ତିମୟୀ ପାତ୍ରଙ୍କୁ ରେଡକ୍ରସ ଫଣ୍ଡରୁ ୨୦ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାଳିଆକୁ ପରିବାର ଲୋକେ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଆଦି ବହୁ ମେଡିକାଲରେ ଚିକିତ୍ସା କରି ନୟାନ୍ତ ହୋଇ ଅସଫଳ ହେବା ପରେ ଅସହାୟ ହୋଇପଡ଼ିଥିଲେ। ପରିବାର ଲୋକେ ମନ୍ତ୍ରୀଙ୍କୁ ଭେଟି ଚିକିତ୍ସା ଲାଗି ନିଜର ଅସହାୟ ପ୍ରକାଶ କରିବାରୁ ମନ୍ତ୍ରୀ ସହଯୋଗର ହାତ ବଢ଼ାଇଥିଲେ। ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ତହସିଲଦାର ଦିପ୍ତିମୟୀ ପାତ୍ର, ସମାଜସେବୀ ପ୍ରଭାକର ପଣ୍ଡା, ରାଜେନ୍ଦ୍ର ପାତ୍ର, ରଘୁନାଥ ପଣ୍ଡା, ଦୀପକ ପୋଲାଇ, ନଗର ସଭାପତି ରାମକୃଷ୍ଣ ପ୍ରଧାନ, ପ୍ରଭାରୀ ପ୍ରସନ୍ନ କୁମାର ଡାକୁଆ ସମେତ ବହୁ କର୍ମକର୍ତ୍ତା ଓ ସାହିବାସିନ୍ଦା ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବେଲଗୁଣ୍ଠା,୪।୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷେତ୍ରୀୟବରପୁରସ୍ଥିତଆଞ୍ଚଳିକସ୍ନାତକମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ଼. ଗିରିଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ, ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗୋବରା ସମିତିସଭ୍ୟ ବିଭୁପାଦ ଜେନା, ଯୁବସମାଜସେବୀ ସନ୍ତୋଷ ବିଷୋୟୀ, ସାମ୍ବାଦିକ ପଞ୍ଚାନନ ସାହୁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଶିବରାମ ଚୌଧୁରୀ, ଭଞ୍ଜନଗର ମେଡିକାଲର ଡା. ପତିତପାବନ ଅଗସ୍ତି ଓ ଡା. ସତୀଶ ମୋହନ ପାଢ଼ୀ, ଶିକ୍ଷାବିତ ସୁଶାନ୍ତ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ୬୩ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରି ଖୁସି ପ୍ରକଟ କରିଥିଲେ। କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଏବଂ ଯୁବ ରେଡକ୍ରସ ଉପଦେଷ୍ଟା ଡ଼. ସଂଜୀବ କୁମାର ଦାସ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ ଓ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସୀମାଞ୍ଚଳ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭୁଲାପଣ ପରୀକ୍ଷଣ ଶିବିର



**ପାରଳାଖେମୁଣ୍ଡି,୪।୨(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ନିମନ୍ତେ ଭୁଲାପଣ ପରୀକ୍ଷଣ ଶିବିର ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲରେ ଆୟୋଜିତ ହୋଇଥିଲା। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକରଣ କରାଯାଇ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଦ୍ୱାରା ଭୁଲାପଣ ପରୀକ୍ଷଣ କରାଯାଇଥିଲା। ଶିବିରରେ ପାରଳାଖେମୁଣ୍ଡି ପୌରପରିଷଦ, ସହର ଉପକଣ୍ଠସ୍ଥ ବିଭିନ୍ନ ପଞ୍ଚାୟତ ଓ ସ୍ଥାନୀୟ ଆଶ୍ରା ଜରାଶ୍ରମରୁ ୧୦୨ ବରିଷ୍ଠ ନାଗରିକ ଯୋଗ ଦେଇ ପରୀକ୍ଷା କରାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରାଇତ ଶିବିରରେ ମୁଖ୍ୟଅତିଥି ଓ ପାରଳାଖେମୁଣ୍ଡି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଅପରାହ୍ନରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ କାରାଗାର ବିଭାଗ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ଉପକାରଗାରରେ ରହୁଥିବା ବରିଷ୍ଠ ନାଗରିକଙ୍କର ବି ମାନସିକ ରୋଗ ପରୀକ୍ଷଣ ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଇଥିଲା।

## ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ଆକ୍ରମଣ

**କବିସୂର୍ଯ୍ୟନଗର,୪।୨(ସମିସ):** ଜମିବାଡ଼ି ବିବାଦରୁ ଯୁବକଙ୍କୁ ହାଣି ଦେଲେ ଦୁର୍ବୃତ୍ତ। କବିସୂର୍ଯ୍ୟନଗର ଥାନା ଗୁଡ଼ିଆଲି ଛକରେ ସେହି ଗ୍ରାମର କୈଳାସ ଭୂୟାଁଙ୍କୁ ୪ ରୁ ୫ ଜଣ ଯୁବକ ଆକ୍ରମଣ କରିଛନ୍ତି। ଆକ୍ରମଣରେ କୈଳାସ ଗୁରୁତର ହୋଇଥିବା ବେଳେ ପ୍ରଥମେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କିଛି ମୁଖା ପିନ୍ଧା ଯୁବକ କୈଳାସଙ୍କୁ ଗୁଡ଼ିଆଲି ଛକ ଉପରେ ଅତର୍କିତ ଆକର୍ମଣ କରିଛନ୍ତି। ତେବେ କୈଳାସଙ୍କ ସେହି ଗ୍ରାମର ଜଣଙ୍କ ସହ ଜମିବାଡ଼ି ବିବାଦକୁ ନେଇ ତିକ୍ତତା ଲାଗି ରହିଥିଲା। ତେବେ ଆଜି ସେହି ବ୍ୟକ୍ତି ପୂର୍ବ ଶତ୍ରୁତାରୁ ଆକ୍ରମଣ କରିଥିବା କୈଳାସ କହିଛନ୍ତି। କୈଳାସ ପୁଲିସ ଆଗରେ ପାଞ୍ଚ ଜଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି।

## ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା — ପ୍ରେମିକଙ୍କ ଘର ଆଗରେ ମହିଳାଙ୍କ ଧାରଣା

**କବିସୂର୍ଯ୍ୟନଗର,୪।୨(ସମିସ):** କବିସୂର୍ଯ୍ୟନଗର ଥାନା ଗୁଣ୍ଠପଡା ଗାଁରେ ଏକ ଅଭାବନିୟ ଘଟଣା ଘଟିଛି। ଜଣେ ବିବାହିତା ମହିଳାଙ୍କୁ ପ୍ରଥମେ ପ୍ରେମ ଓ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ନ୍ୟାୟ ଆଶାରେ ପ୍ରେମିକଙ୍କ ଘର ଆଗରେ ମହିଳା ଜଣକ ଏବେ ଧାରଣାରେ ବସିଛନ୍ତି।

କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁନାପଲ୍ଲୀ ଗ୍ରାମର ସୁନିତା ବେହେରା ୨୦୧୭ ମସିହାରେ ପୋଲସରା ଖୋଡକ ଗ୍ରାମର ଅରୁଣ ବେହେରାଙ୍କୁ ବିବାହ କରିଥିଲେ। ବିବାହ ହୋଇଥିଲା। ୨୦୧୮ ରେ ସେମାନଙ୍କ ଏକ କନ୍ୟା ସନ୍ତାନ ଜନ୍ମହୋଇଥିବା ବେଳେ ୨୦୨୦ରେ ଏକ ଏକ ପୁତ୍ର ସନ୍ତାନ ହୋଇଥିଲା। ତେବେ ସ୍ତ୍ରୀଙ୍କ ଚରିତ୍ର ଉପରେ ଅରୁଣ ସନ୍ଦେହ କରୁଥିବାବେଳେ ପୁତ୍ର ସନ୍ତାନଟି ତାଙ୍କର ନୁହେଁ ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟ ମଧ୍ୟରେ ତିକ୍ତତା ଓ ବିବାଦ ଲାଗି ରହୁଥିଲା। ତେଣୁ ସୁନିତା ୨୦୨୨ରେ ଶାଶୁ ଘର ଛାଡ଼ି ମା'ଘର ସୁନାପଲ୍ଲୀରେ ରହି ଆସୁଥିଲେ। ଇତି ମଧ୍ୟରେ ପୁଅର ଦେହ ଖରାପ ହେବାରୁ ସେ ଝଡ଼ାଫୁଙ୍କା କରିବାକୁ ଗୁଣ୍ଠପଡା ଗାଁକୁ ଯିବା ଆସିବା କରୁଥିଲେ। ସେହି ଗାଁର ଟୁଲୁ ମହାରଣାଙ୍କ ଦେହରେ କାଳିସି ଲାଗୁଥିବାରୁ ସୁନୀତା ଟୁଲୁଙ୍କ ମା'ଙ୍କୁ ତାଙ୍କ ଫୋନ୍ ନମ୍ବର ଦେଇଥିଲେ। ଫଳରେ ଟୁଲୁ ଓ ସୁନୀତାଙ୍କ ନିବିଡ଼ତା ବଢ଼ିଥିଲା। ଟୁଲୁ ମହାରଣା ନିଜ ପ୍ରେମ ଜାଲରେ ସୁନିତାକୁ ନେଇ ମେ ୨୦୨୪ରେ ସୁରଟ ନେବାରେ ସମର୍ଥ ହେଲା। ସେଠାରେ ସୁନୀତାଙ୍କ ପୁଣି ଏକ ପୁଅ ଜନ୍ମ ହୋଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତେବେ ଗତ ୧୭ ଜାନୁଆରୀ ୨୦୨୬ ସୁରଟରୁ ଦୁହେଁ କୋର୍ଟ ମେରେଜ କରିବେ କହି ଟୁଲୁ ସୁନୀତାକୁ ନେଇ କବିସୂର୍ଯ୍ୟନଗର ବୁଢ଼ାମ୍ବକୁ ଆଣିଥିଲା। ସେଠାରୁ ଭଡା ଅଟୋ ଆଣିବି କହି କୁଆଡେ ଚାଲିଯାଇଥିବା ଓ ମୋବାଇଲ ସୁଇଚ ଅଫ କରିଦେଇଥିବା ନେଇ ସୁନିତା ଅଭିଯୋଗ କରିଛନ୍ତି। ଏନେଇ ସୁନୀତା କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି କେସନଂ ୪୮/୨୬ ପ୍ରକାରେ ଟୁଲୁ, ଟୁଲୁର ବାପା ହରି ଓ ମା ଶାନ୍ତି ନାମରେ କେଶ କରି ପୁଲିସ ତଦନ୍ତ ଚଳାଇଛି। ତେବେ ସବୁଆଡୁ ନିରାଶ ହୋଇ ସୁନୀତା ଏବେ ପ୍ରେମିକ ଟୁଲୁ ଘର ଆଗରେ ଧାରଣାରେ ବସିଛନ୍ତି।

## ଭାରତ ଡିଫେନ୍ସ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ

**ଗଞ୍ଜାମ,୪।୨(ସମିସ)**




ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ଠାରେ ଅବସ୍ଥିତ ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ଭାରତୀୟ ସେନାବାହିନୀରେ ନବନିଯୁକ୍ତ ଯବାନମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉତ୍ସବକୁ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ସୁନୀଲ ତାରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ସ୍ଥଳସେନା ଅବସରପ୍ରାପ୍ତ ଯବାନ ଡି. ଖଳିଆ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଡି. ଅଶୋକ ପ୍ରଧାନ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ଼ି, ଗାନ୍ଧୀ ତାରାଇ, ସୌରା ସିଠ, ଉପେନ୍ଦ୍ର ଭାଇ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ଯବାନ ଓ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ମୁଖ୍ୟ ସୁନୀଲଙ୍କ ତ୍ୟାଗ, ନିଷ୍ଠା, ଉତ୍ସାହ ଓ ସକ୍ରିୟ ପ୍ରଚେଷ୍ଟା ପାଇଁ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଗ୍ରାମାଞ୍ଚଳରୁ ଗରିବ ପରିବାରର ଷାଠିଏରୁ ଊର୍ଦ୍ଧ ଯୁବକ ସେନାବାହିନୀର ବିଭିନ୍ନ ପଦବୀରେ ନିଯୁକ୍ତି ପାଇପାରିଛନ୍ତି। ଦୀପକ କୁମାର ସାହୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବା ବେଳେ ବିଭୁତି ଭୂଷଣ ସେଠୀ ରଶ୍ମିରଞ୍ଜନ ମହାପାତ୍ର, ଓମ୍ ପ୍ରଧାନ, ବିକ୍ରମ ରେଡୀ, ସମୀର ରେଡୀ, ଦୀନବନ୍ଧୁ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଏବେ ଭୂତକୋଠି

ରାୟଗଡ଼, ୪।୨(ସମିସ)

ଭୂତକୋଠି ପାଲଟିଛି ଆଦିବାସୀଙ୍କ ପାଇଁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ମଣ୍ଡଳ ସାହି ଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ଦିନଟିଏ ମଧ୍ୟ ଲୋକଙ୍କ କାମରେ ଆସିଲାନାହିଁ। ଏଥିଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ବ୍ୟବସାୟୀ। ଲୋକେ ବାରମ୍ବାର ଗୁହାରି କଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବ୍ଲକ ଅଧ୍ୟକ୍ଷା ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଉନ୍ନତି ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆନଯିବା ପରିତାପର ବିଷୟ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଆଦିବାସୀ ଚାଷୀ ତଥା ବ୍ୟବସାୟୀଙ୍କ ଉନ୍ନତି ପାଇଁ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଏବେ ଭୂତକୋଠି ପାଲଟିଛି। ୧୮ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ ଏବେ ଲଟାବୁଦାରେ ପରିପୂର୍ଣ୍ଣ। ଏହା ଏବେ ଆସାଜିକ ଲୋକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଗଜପତି ଜିଲ୍ଲା



ରାୟଗଡ଼ ବ୍ଲକ ମଣ୍ଡଳସାହିରେ ଥିବା ମାର୍କେଟ କମ୍ପ୍ଲେକ୍ସ।

ନିର୍ମାଣ ହେବାର ୭/୮ ମାସ ଲୋକେ ଏଠାରେ ବସି ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଠାରେ ପାଣି ଗଳିବା ସହ ଜିନିଷପତ୍ର ନଷ୍ଟ ହେଉଥିବା ଯୋଗୁଁ ବ୍ୟବସାୟୀ ସେଠାରେ ବସିବାକୁ ଅମଙ୍ଗ ହୋଇଥିଲେ। ଏହାର ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେହି ହେଲେ କର୍ଣ୍ଣପାତ କରିନଥିଲେ। ଫଳରେ ଏହା ସେମିତି ପଡ଼ିରହିଛି। ବର୍ତ୍ତମାନ ଏହା ଭାଙ୍ଗିରୁଜି ଯାଇଥିବା ବେଳେ ଲଟାବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ଆଦିବାସୀ ଚାଷୀ ତଥା ବ୍ୟବସାୟୀ ଖୋଲା ଆକାଶ ତଳେ ବସିବାକୁ ବାଧ ହେଉଛନ୍ତି। ଏହାର ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଲୋକେ ଦାବି କରିଛନ୍ତି। ଏହି ଅଞ୍ଚଳରେ ବ୍ୟାପକ ପରିମାଣର ସପୁରୀ, କମଳା, କଦଳୀ ଏବଂ ପନିପରିବା ଆଦି ଉତ୍ପାଦନ ହେଉଥିବା ବେଳେ ଗଚ୍ଛିତ ରଖିବା ପାଇଁ ଶୀତଳ ଭଣ୍ଡାରର ସୁବିଧା ମଧ୍ୟ ନାହିଁ। ଚାଷୀ ନିଜର ଉତ୍ପାଦିତ ସାମଗ୍ରୀ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ତୁରନ୍ତ ଏହି ମାର୍କେଟ କମ୍ପ୍ଲେକ୍ସର ପୁନରୁଦ୍ଧାର କରିବା ସହ ଶୀତଳ ଭଣ୍ଡାରର ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ନିର୍ମାଣ ଏହି କୋଠାର ସ୍ଥିତିକୁ ନେଇ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ତୀବ୍ର

- ● ଦିନଟିଏ ପାଇଁ ମଧ୍ୟ କାମରେ ଆସିନି
- ● ଗୁହାରି କଲେ ବି ପ୍ରଶାସନ ଚୂପ

ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ସ୍ଥାନ ଉପରେ ୩ ପଞ୍ଚାୟତର ପ୍ରାୟ ୪୦ଖଣ୍ଡ ଗାଁ ଲୋକେ ନିର୍ଭରଶୀଳ। ତଥାପି ଏଠାରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଏଭଳି ଭାବେ ପକାଇ ରଖାଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କହିଛନ୍ତି। ପ୍ରଶାସନ ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ମାର୍କେଟ କମ୍ପ୍ଲେକ୍ସ ଦିନଟିଏ ପାଇଁ ମଧ୍ୟ ଲୋକଙ୍କ କାମରେ ଆସିଲାନାହିଁ। ସରକାରୀ ଅର୍ଥ ପାଣିରେ ପଡ଼ିଥିବା ଅଭିଯୋଗ ହେଉଛି।

## ବଡ଼ପଦା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆଗଡ଼, ୪।୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ବଡ଼ପଦା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ଗମାଙ୍ଗଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ମୁଖ୍ୟବକ୍ତା ଭାବେ ନୀଳମଣି ବିଶୋଇ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଜିଲ୍ଲା ସ୍କାଉଟ କମିଶନର ପ୍ରଫୁଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜି, ସମିତିସଭ୍ୟ ମାନୁଏଲ ଛାଞ୍ଚାଣି, ଦୋଘରିଆ ପିଏମ ଶ୍ରୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାର୍କଣ୍ଡ ଶବର ଓ କେରେଡାଙ୍ଗ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜାମ୍ବବୀର ଗମାଙ୍ଗ ମଞ୍ଚାସୀନ ଥିଲେ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଦ୍ୱାଦଶ ବିଜ୍ଞାନ ପ୍ରଥମ ବ୍ୟାଚର ବ୍ଲକ ଟପର ହୋଇଥିବା ଛାତ୍ରୀ ଶ୍ୱେତାରାଣୀ ଛାଞ୍ଚାଣିଙ୍କୁ ସମ୍ମାନିତ କରାଯାଇଥିଲା।

## ଏସ୍‌ଡିଏଏ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ବାଲିଗୁଡ଼ା, ୪।୨(ସମିସ): ରାଜ୍ୟସ୍ତରୀୟ ଏସଡିଏଏ କପ ଫୁଟବଲ ପ୍ରତିଯୋଗିତା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଙ୍ଘ ପକ୍ଷରୁ ଆୟୋଜନ କରାଯାଇଛି। ୮ ଫୁଟବଲ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ଉଦଘାଟନ ମ୍ୟାଚରେ ଆଜି ସମ୍ବଲପୁର ଏଫ.ସି ବନାମ ଡାଇମଣ୍ଡ କ୍ଲବ ଖୋର୍ଦ୍ଧା ସହ ମ୍ୟାଚ ଖେଳାଯାଇଥିଲା। ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ଉପ ଜିଲ୍ଲାପାଳ ପ୍ରଣିତା ଦାସ, ସମ୍ମାନିତ ଅତିଥି ଭାବେ ଏସଡିପିଓ ଶୁଭମ ଭୋସଲେ, ପିଏଆଇଟିଡିଏ କୃପାସିନ୍ଧୁ ବେହେରା ଓ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଯୋଗ ଦେଇଥିଲେ। ପ୍ରଥମ ଦିନର ଖେଳରେ ସମ୍ବଲପୁର ଏଫ୍.ସି ୪-୧ ଗୋଲରେ ଖୋର୍ଦ୍ଧା ଡାଇମଣ୍ଡ ପରାସ୍ତ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫାଇନାଲ ପ୍ରତିଯୋଗିତା ୧୧ ତାରିଖରେ ଖେଳାଯିବ।

# ଡବଲ ଇଞ୍ଜିନ ସରକାର ବିରୋଧରେ ବିଜେଡିର ଗର୍ଜନ






ପାରଳାଖେମୁଣ୍ଡି, ୪।୨(ସମିସ): ଗଜପତି ଜିଲ୍ଲାର ଚାଷୀ ସମ୍ମୁଖୀନ ହେଉଥିବା ଘୋର ଦୁର୍ଦ୍ଦଶା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସନ ଭାର ଏବେ ଅପାରଗ ବିଜେପି ସରକାର ହାତରେ। ଯାହାକୁ ନେଇ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ ଓ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ନେତା ଓ କର୍ମୀଙ୍କ ସମାବେଶରେ ବିକ୍ଷୋଭ ପ୍ରଦର୍ଶନ କରିଛି ଜିଲ୍ଲା ବିଜେଡି। ପୂର୍ବ ସରକାରଙ୍କ ସମୟରେ ନାରୀ ସୁରକ୍ଷିତ, ସଶକ୍ତିକରଣ ଓ ଜୀବିକାନିର୍ବାହ କ୍ଷେତ୍ରରେ ଯଥେଷ୍ଟ ସଫଳତା ପାଇଥିଲେ। ଏବେ ସାରା ରାଜ୍ୟରେ ବଢ଼ିଚାଲିଛି ନାରୀ ନିର୍ଯାତନା। ଏପରିକି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛି ଓଡ଼ିଶା। ଯାହା ଓଡ଼ିଆ ଅସ୍ମିତାକୁ ନିନ୍ଦିତ ଓ ଅପମାନିତ କରିଛି। ଏହା ଓଡ଼ିଶା ପାଇଁ ଲଜ୍ୟାର ବିଷୟ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମଧ୍ୟ ନାରୀ ସୁରକ୍ଷିତ ନାହାନ୍ତି। ନାରୀ ନିର୍ଯାତନା ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଶହ ଶହ ମାମଲା ରୁଜୁ ହେଉଛି କିନ୍ତୁ କାର୍ଯ୍ୟ ଶୂନ ରହିଛି।

ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ସହ ମିଲର ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଚାଷୀଙ୍କୁ ହଇରାଣ କରୁଛନ୍ତି। ଧାନର ଉଚିତ ମୂଲ୍ୟ ପ୍ରଦାନରେ ବିଫଳ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ, ୩୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ, ଏକ କାଳୀନ ୫୦ ହଜାର ଟଙ୍କା ପ୍ରତ୍ୟେକ ମହିଳାଙ୍କୁ ପ୍ରଦାନ କଥା କହି ଲୋକଙ୍କୁ ପ୍ରତାରଣା କରିଛନ୍ତି ବିଜେପି ସରକାର। ବେକାରୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ, କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗରେ ନାରାବାଜି ଦେଇ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜେପି ସରକାରଙ୍କ ଅପାରଗତାକୁ ନେଇ ଗର୍ଜନ କରିଛି ବିଜେଡି। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ

- ● ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ଅଭିଯୋଗ
- ● ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅନିୟମିତତାର ବିରୋଧରେ ବିକ୍ଷୋଭ
- ● ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଜପତି ଜିଲ୍ଲାପାଳ

ଯାଇଥିଲା। ସେଠାରେ ବହୁ ସଂଖ୍ୟାରେ କର୍ମୀ ନେତା ଓ ଜନପ୍ରତିନିଧି ଏକତ୍ର ହୋଇ ସରକାରଙ୍କ ଅପାରଗତା ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗଜପତି ଜିଲ୍ଲାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ ଧାନ ସଂଗ୍ରହରେ ଚାଲିଥିବା ସଙ୍କଟ ହଜାର ହଜାର ଚାଷୀ ପରିବାରକୁ କଷ୍ଟ ମଧ୍ୟକୁ ଠେଲି ଦେଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ, ଗଜପତିରେ ଚଳିତ ଖରିଫ ଋତୁରେ କ୍ରୟ ପ୍ରକ୍ରିୟା ବିଶୃଙ୍ଖଳା, ବିଳମ୍ବ ଏବଂ ଭୁଲ ପରିଚାଳନା ପରିଲକ୍ଷିତ ହେଉଛି। ଯଦିଓ ଗଜପତି ଜିଲ୍ଲାର ବହୁ ସଂଖ୍ୟକ ଚାଷୀ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ମଧ୍ୟରୁ କେବଳ ଏକ ଅଂଶ ଏପର୍ଯ୍ୟନ୍ତ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିପାରିଛନ୍ତି। ଏହା ବ୍ୟତୀତ, ଯୋଗାଣ ମନ୍ତ୍ରୀଙ୍କ ସାମ୍ପ୍ରତିକ ବିବୃତ୍ତି ପ୍ରତି ଚାଷୀଙ୍କୁ ୧୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କ୍ରୟ ସୀମିତ ରଖିବା ଏବଂ ଚାଷୀଙ୍କୁ କ୍ରୟ ବ୍ୟବସ୍ଥା ବାହାରେ ବଳକା ଧାନ ବିକ୍ରୟ କରିବାକୁ ବାଧ କରିବା ଗଜପତିରେ ସଙ୍କଟକୁ ଆହୁରି ତୀବ୍ର କରିଛି। ତଥାକଥିତ ଡବଲ-ଇଞ୍ଜିନ୍ ସରକାର ଯୋଜନାବଦ୍ଧ ଧାନ ସଂଗ୍ରହ କେନ୍ଦ୍ରର ପ୍ରାୟ ୩୦ ପ୍ରତିଶତ ଖୋଲିବାରେ ବିଫଳ ହୋଇଛି। ଏଥିରେ ଗଜପତି ଜିଲ୍ଲାର ଅନେକ କେନ୍ଦ୍ର ମଧ୍ୟ ଅନ୍ତର୍ଭୁକ୍ତ। ରାଜ୍ୟ ସରକାର ଗଜପତିରେ ଆଇନଶୃଙ୍ଖଳା ଫେରାଇ ଆଣିବା, ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା, ନିରପେକ୍ଷ ପ୍ରଶାସନ ସୁନିଶ୍ଚିତ କରିବା ଏବଂ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ସାମାଜିକ ସଦଭାବନା ବଜାୟ ରଖିବା ପାଇଁ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏଭଳି ସ୍ଥିତି ଜାରି ରହିଲେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନକୁ ଜୋରଦାର କରାଯିବାକୁ ଚେତାବନୀ ଦିଆଯାଇଛି।

ବିଜେଡିର ବିକ୍ଷୋଭ ଓ ପ୍ରତିବାଦରେ ଜିଲ୍ଲାର ସମସ୍ତ ବ୍ଲକର କର୍ମକର୍ତ୍ତାଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ବିଜେଡିର ସମସ୍ତ ନେତୃମଣ୍ଡଳୀ ବିଜୁ ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କ ସହ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳାସେଠୀ, ପୂର୍ବତନ ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ବରିଷ୍ଠନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ।

## ଦୁଷ୍କର୍ମ ଉଦ୍ୟମ ମାମଲାରେ ୨ ଗିରଫ

ତୁମୁଡିବନ୍ଧ, ୪।୨(ସମିସ): କନ୍ଧମାଳ ଜିଲ୍ଲା ବେଲଘର ଥାନା ଝିରିପାଣି ଗ୍ରାମର ଜଣେ ୧୪ ବର୍ଷୀୟ ନାବାଳିକାକୁ ୨ଜଣ ସ୍ଥାନୀୟ ଯୁବକ ଅପହରଣ ପରେ ଦୁଷ୍କର୍ମ ଉଦ୍ୟମ ଘଟଣାରେ ସୋମବାର ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା ପୁଲିସ। ମଙ୍ଗଳବାର ରାତିରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ଝିରିପାଣି ଅଞ୍ଚଳର ନୀତେଶ ନାୟକ ଓ ସୁଶୀଲ ନାୟକ। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରକାଶ କରିଛନ୍ତି। ୨ଜଣଙ୍କ ପାଖରୁ ଦୁଇ ମୋବାଇଲ ଜବତ କରାଯାଇଛି। ଦୁଷ୍କର୍ମ ଉଦ୍ୟମ ଘଟଣାକୁ ନିନ୍ଦା କରି ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ଓ ବାଲିଗୁଡା ସଂଯୋଜକ ଟୁନା ଦାସଙ୍କ ନିର୍ଦ୍ଦେଶ କ୍ରମେ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି ତୁମୁଡିବନ୍ଧ ବିଜେଡି ନେତୃବର୍ଗ। ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲ୍ଲା ପରିଷଦ ନବୀନ ପାତ୍ର, ଅଧ୍ୟକ୍ଷା ବାସନ୍ତୀ ମାଝୀ, ବରିଷ୍ଠ କର୍ମୀ ଜୋହାନ ବାରିକ ଓ ଗୌତମ ପାତ୍ର ପୀଡ଼ିତାଙ୍କ ଘରକୁ ଯାଇ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ଟିମ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ ଓ ଅନୁସନ୍ଧାନ କରିଥିଲେ।

## ଆକ୍ରମଣ ଘଟଣାରେ ୧୦ ଗିରଫ

ମୋହନା, ୪।୨(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟ ଗ୍ରାମର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ସୋମବାର ଦିନ ସନ୍ଧ୍ୟାରେ ୫୦ରୁ ଅଧିକ ବ୍ୟକ୍ତି ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ମଧ୍ୟ ହୋଇଛି। ଆକ୍ରମଣକାରୀ ସୁଆରଙ୍କ ଘର ବାହାରେ ଯାହାସବୁ ସାମଗ୍ରୀ ଥିଲା ସେସବୁକୁ ଫିଙ୍ଗା ଫୋପଡ଼ା କରିବା ସହ ଭଙ୍ଗାରୁଜା କରିଥିଲେ। ଏଭଳି କରୁଥିବା ଦେଖି ତାଙ୍କ ମା ଆସି ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣକାରୀ ଠେଲାପେଲା କରିବାରୁ ସେ ଆହତ ହୋଇଛନ୍ତି। କେଉଁ କାରଣରୁ ଏହା ଘଟିଛି ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଦୁଇ ଦିନ ଧରି ଚାନ୍ଦିପୁଟ ଗ୍ରାମ ସମ୍ପୂର୍ଣ୍ଣ ପୁଲିସ ଛାଉଣୀ ହୋଇ ରହିଥିଲା। ବୁଧବାର ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏହି ଘଟଣାରେ ସମ୍ପୃକ୍ତ ୧୦ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପରିଚ୍ଛା (୪୫), ସୁଜନ ମାଳୀ(୩୪), ତପନ ମାଳୀ(୨୬), ଅଭନ ପାଇକ(୩୮), ଜୁଏଲ ଲିମା (୩୪), ରାଜନ ପାଇକ(୨୭), ଇସ୍ରାଏଲ ନାୟକ (୩୨, ନୀଳମାଧବ ନାୟକ(୨୭), ରାଜୁ ପାଇକ (୨୦) ଏବଂ ଉଦୟ ପାଇକ (୧୯)। କେଉଁ କାରଣ ରୁ ଏଭଳି ଘଟଣା ଘଟିଛି ତାହା ତଦନ୍ତ ପରେ ଜଣା ପଡ଼ିବ ବୋଲି ମୋହନା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବା ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି କହିଛନ୍ତି। ଗିରଫ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଏବଂ ଏସଆଇ ବି.ନୀଳମାଧବ ରେଡ଼ୀ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

## ମାର୍ଚ୍ଚ ୧୪ରେ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, ୪।୨ (ସମିସ): ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ପାରଳାଖେମୁଣ୍ଡି, ଆର୍.ଉଦୟଗିରି, ମୋହନା ଓ କାଶୀନଗର ଅଦାଲତ ପରିସରରେ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକସ୍ତରୀୟ ମକଦ୍ଦମା ଓ ବିଚାରନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ, ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣ ହେବ।

## ପୁଅର ମୃତ୍ୟୁ ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ମା'

ତୁମୁଡିବନ୍ଧ, ୪।୨(ସମିସ): ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ମୃତ ଛାତ୍ରଙ୍କ ମା' ଅଭିଯୋଗ ଆଣିଛନ୍ତି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ଗୁଟଖାପଦର ଗାଁରେ ଏପରି ଘଟିଛି। ଏହି ଗାଁର ହେମନ୍ତ ପାତ୍ରଙ୍କ ପୁଅ କୁବେର ପାତ୍ର, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଗତ ମାସରେ କୁବେରଙ୍କ ସ୍ୱାସ୍ଥ୍ୟ ଖରାପ ହେଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ନ କରି ହଷ୍ଟେଲରେ ତାଙ୍କୁ ରଖିଥିଲେ। ଏପରିକି ପରିବାର ଲୋକଙ୍କୁ ମଧ୍ୟ ଖବର ଦେଇ ନ ଥିଲେ। ଖବର ପାଇ କୁବେରରଙ୍କ ମା' ବେଲଘର ହଷ୍ଟେଲ ପୁଅକୁ ଦେଖିବାକୁ ଯାଇଥିଲେ। ସେତେବେଳକୁ କୁବେରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରତର ଥିବାରୁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ କୁବେରଙ୍କୁ ଘରକୁ ଆଣିଥିଲେ। ପରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଚିକିତ୍ସା କରିଥିଲେ। ମାତ୍ର କୁବେରଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ସେ ଗତ ମାସ ୫ ତାରିଖରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ନେଇଥିଲେ। ସେହି ଦିନ ଚିକିତ୍ସାଧୀନ ଅବସ୍ଥାରେ କୁବେରଙ୍କ ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ପୁଅର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ତାଙ୍କୁ ନ୍ୟାୟ ଦେବାକୁ ମୃତ ଛାତ୍ରଙ୍କ ମା ଦାବି କରିଛନ୍ତି। ଏ ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମତାମତ ଲାଗି ପ୍ରୟାସ କରାଯାଇଥିଲେ ମଧ୍ୟ ପ୍ରତିକିୟା ମିଳିପାରିନାହିଁ।

## କାୟାକଳ୍ପ ସ୍ୱତନ୍ତ୍ର ଟିମର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଫିରିଙ୍ଗିଆ, ୪।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ କାୟାକଳ୍ପର ଏକ ତିନିଜଣିଆ ସ୍ୱତନ୍ତ୍ର ଟିମ। ଟିମରେ ଜେଡି ଏଚଆରଏଚ ଡା. ଶୁଭ୍ରାଂଶୁ ପ୍ରଧାନଙ୍କ ସହ ଏଚପିର ପରାମର୍ଶଦାତା ମାନସ କୁମାର ଖରା ଓ ସ୍ୱତନ୍ତ୍ରତା କାର୍ଯ୍ୟକ୍ରମ ଏବଂ ତାଲିମଦାତା ଦେବବ୍ରତ ପତି ରହିଥିଲେ। ଏହି ଟିମ ଡାକ୍ତରଖାନାରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଟିମ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଦେଖିବା ସହ ସ୍ୱଚ୍ଛତା, ପାନୀୟ ଜଳ, ରୋଗୀ ସେବା, ଜୀବାଣୁ ମୁକ୍ତିକାରଣ ଓ ନିର୍ଜୀବିକରଣ ପ୍ରକ୍ରିୟା, ସୁରକ୍ଷିତ ଇଞ୍ଜେକ୍ସନ ପ୍ରଥା, ସ୍ୱଚ୍ଛ ରୋଷେଇ ଘର ଓ ସୁରକ୍ଷିତ ଖାଦ୍ୟ ପ୍ରସ୍ତୁତି, ଭେଷଜ ବଗିଚା ଉପରେ ମେଡିକାଲ କର୍ମଚାରୀ ଓ କାର୍ଯ୍ୟରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଟିମର ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ଡା. ସୁମନ୍ତ କୁମାର ମାଝୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୀତାଞ୍ଜଳି ଦାସ, ସହକାରୀ ମ୍ୟାନେଜର ଶିବ ପ୍ରସାଦ, ଫିରିଙ୍ଗିଆ ଗୋଷ୍ଠୀ କାର୍ଯ୍ୟକ୍ରମ ମ୍ୟାନେଜର ହରଗୋବିନ୍ଦ ଯାନୀ, ବ୍ଲକ ଡାଟା ମ୍ୟାନେଜର ପ୍ରତ୍ୟୁଷ କୁମାର କାନ୍ତି, ବ୍ଲକ ଆକାଉଣ୍ଟାଣ୍ଟ ମ୍ୟାନେଜର ସୁଜିତ କୁମାର ମହାନ୍ତି, ପିଏଚଇଓ ସଜନୀ ପ୍ରଧାନଙ୍କ ସହ ସମସ୍ତ ସଫେଇ କର୍ମଚାରୀ, ଷ୍ଟାଫ ନର୍ସ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି କୟାକଳ୍ପ ଟିମ ଖୁସି ବ୍ୟକ୍ତ କରିଥିଲେ।

**ବିଶ୍ୱ କର୍କଟ ଦିବସ**

# ଧର୍ମାନୁଷ୍ଠାନରେ ତମାଖୁ ନିରୋଧ ନେଇ ସଙ୍କଳ୍ପ

ପାରଳାଖେମୁଣ୍ଡି, ୪।୨(ସମିସ)

ବିଶ୍ୱ କର୍କଟ ଦିବସରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଗତି ମହିଳା ସଙ୍ଗଠନର ଉପସଭାପତି ଲୋକନାଥ ମିଶ୍ର, ସମ୍ବାଦିକା ତନୁଜା ଶତପଥୀ ଓ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ କର୍କଟ ନିରାକରଣକୁ ନେଇ ଆଜି ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜଗନ୍ନାଥ ସେବା ଦଳର ବରିଷ୍ଠ ସମାଜସେବୀ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ଅନୁରୋଧରେ ଉପସ୍ଥିତ ସ୍ୱେଚ୍ଛାସେବୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିଶା ହଟାଇବା ନେଇ ସଂକଳ୍ପ କରିଥିଲେ। ମନ୍ଦିର ଓ ଅନ୍ୟ ଧର୍ମାନୁଷ୍ଠାନ ପରିସରରେ ତମାଖୁ, ଗୁଟକା ନିଷେଧକୁ କଡ଼ାକଡ଼ି ପାଳନ କରି ଧର୍ମାନୁଷ୍ଠାନକୁ ପରିଷ୍କାର ରଖିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ପରେ ଏକ ଶୋଭାଯାତ୍ରା ବାହାରି ସମସ୍ତ ନଗରବାସୀଙ୍କୁ ନିଶାସେବନରୁ ନିବୃତ୍ତ ରହି କର୍କଟ ରୋଗରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ସୌମ୍ୟ ସୌରଭ ପଟ୍ଟନାୟକ, ବିନୋଦିନୀ ବିଜ୍ଞାନ ଉଚ୍ଚମା।ଧମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ସମାଜସେବୀ




ଗିରିଶ ପାଳ, କୈଳାଶ ବିଶ୍ୱାଳ, ପ୍ରଗତି ମହିଳା ସଂଗଠନର ଉପଦେଷ୍ଟା ବିଚିତ୍ରା ନନ୍ଦ ବେବର୍ତ୍ତା, ହରି ମୋହନ ପଟ୍ଟନାୟକ, ମାନସୀ ପଣ୍ଡା ପ୍ରଫୁଲ୍ଲ ବେବର୍ତ୍ତା, ମୁରଲୀ ପରିଚ୍ଛା, ବିଚିତ୍ରାନନ୍ଦ ବେବର୍ତ୍ତା, ନିୟତି ଅନୁଷ୍ଠାନ, ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦର ଅନେକ ସଦସ୍ୟ ଯୋଗ ଦେଇ ନିଶା ହଠାଅ, ଦେଶ ବଞ୍ଚାଅ ଉପରେ ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।

### ● କର୍କଟ ରୋଗ ନିରାକରଣ ନେଇ ସଚେତନ ହେଲେ ଛାତ୍ରଛାତ୍ରୀ

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠ ପାରଳାଖେମୁଣ୍ଡିରେ ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା କାଶୀନଗରର ହୋମିଓପାଥି ମେଡିକାଲ ଅଫିସର ଡା. ଜି. ବେଦ ବିକାଶ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ତଥା ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଗୁଟଖା, ସିଗାରେଟ ତଥା ମାଦକ ଦ୍ରବ୍ୟ ସେବନର ଅପକରିତା ଓ ସେ ନେଇ ରହିଥିବା ଆଇନ ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ। ସେହିପରି ଜିଲ୍ଲା ନ୍ୟାୟାଳୟର ନବ ନିଯୁକ୍ତ ସ୍ପେଶାଲ୍ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକ ଆଜିର ଦିବସର ଉଦ୍ଦେଶ୍ୟକୁ ନେଇ ସ୍ୱରଚିତ ଗୀତ ମାଧ୍ୟମରେ ସଚେତନ କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଏମ୍‌ଏସ୍ ପୁରରେ କର୍କଟ ରୋଗ ନେଇ ସଚେତନତା

ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଏମ୍‌ଏସ୍ ପୁରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍କଟ ରୋଗର ନିରାକରଣ, ପ୍ରାଥମିକ ଚିହ୍ନଟ ଏବଂ ରୋଗୀ ଓ କର୍କଟ ବିଜୟୀଙ୍କୁ ସହଯୋଗ କରିବା ବିଷୟରେ ଜ୍ଞାନ ବିସ୍ତାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜିକା ଟି. ସୁନୀତା ଏବଂ ଫ୍ୟାକଲ୍ଟି ସଂଯୋଜିକା ଶୁଭଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟ ଅଂଶଗ୍ରହଣକାରୀମାନେ ଏଥିରେ ସକ୍ରିୟ ଭାବେ ଭାଗ ନେଇ କାର୍ଯ୍ୟକ୍ରମଟିକୁ ଶିକ୍ଷଣୀୟ ଓ ପ୍ରେରଣାଦାୟକ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଏକ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହା ପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ କର୍କଟ ସଚେତନତା ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଜଣେ କର୍କଟ ବିଜୟୀ ନିଜ ସଂଘର୍ଷର କାହାଣୀ ବର୍ଣ୍ଣନା କରିଥିଲେ।

